ANNEX-A

# ନିଜ ଯୋଜନା ସମ୍ବନ୍ଧେ ଜାଣନ୍ତୁ

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

୧. ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କ'ଣ ?

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲାଗି ଓଡିଶା ସରକାରଙ୍କ ଏକ ପ୍ରୟାସ । ବିଶେଷ କରି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ପରିବାରଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଲାଗି ଉଦ୍ଦିଷ୍ଟ । ଏହାର ଦୁଇଟି ଅଂଶ ଯଥା -

(କ) ସ୍ୱାସ୍ଥ୍ୟ ଉପକେନ୍ଦ୍ର ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଆର୍ଥିକ ପରିସ୍ଥିତି ନିର୍ବିଶେଷରେ ସଂପୂର୍ଣ୍ଣ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ।

(ଖ) ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଓ ପରିବାରର ମହିଳା ସଦସ୍ୟଙ୍କ ଲାଗି ୭ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସହାୟତାର ଆଶ୍ୱାସନା । ସମଗ୍ର ଓଡିଶାର ୭୦ ଲକ୍ଷ ପରିବାର ଉପକୃତ ହେବେ ।

୨. ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗି କିଏ ଯୋଗ୍ୟ ?

(କ) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଓଡିଶାର ସମସ୍ତ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସାର୍ବଜନୀନ ମାଗଣା ସ୍ୱାସ୍ଥ୍ୟ ସେବା ଉଦ୍ଦିଷ୍ଟ ।

(ଖ) ବାର୍ଷିକ ପରିବାର ପିଛା ୫ ଲକ୍ଷ ଓ ପରିବାରର ମହିଳାଙ୍କ କ୍ଷେତ୍ରରେ ୭ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ଆଶ୍ୱାସନା ଲାଗି ଚଳନ୍ତି ବିଜୁ କୃଷକ କଲ୍ୟାଣ ଯୋଜନା ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ର କାର୍ଡଧାରୀ ପରିବାର ତଥା ବାର୍ଷିକ ଗ୍ରାମାଂଚଳ ରେ ଟଙ୍କା ୫୦ ହଜାର ରୁ କମ୍ ଓ ସହାରଂଚଳ ରେ ଟଙ୍କା ୬୦ ହାଜାର ରୁ କମ୍ ଆୟକାରୀ ପରିବାର ଯୋଗ୍ୟ ।

୩. ଏହି ଯୋଜନାର ସୁଫଳ କ'ଣ ?

(କ) ଏହି ଯୋଜନା ଦ୍ୱାରା ଓଡିଶାର ସମସ୍ତ ଜନସାଧାରଣ ବିନା ଦେୟରେ ଡାକ୍ତରୀ ପରାମର୍ଶ, ରୋଗ ନିରୂପଣ, ଆବଶ୍ୟକୀୟ ଔଷଧ, ଡାୟାଲିସିସ୍, କର୍କଟ କେମୋ ଥେରାପି, ଅସ୍ତ୍ରୋପଚାର କକ୍ଷ, ଆଇ.ସି.ୟୁ ଓ ଅନ୍ତଚିକିତ୍ସା ଇତ୍ୟାଦି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତ ସରକାରୀ ଚିକିତ୍ସାଳୟରେ ପାଇପାରିବେ ।

(ଖ) ବିଜୁ କୃଷକ କଲ୍ୟାଣ ଯୋଜନା ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡଧାରୀ ପରିବାର ତଥା ବାର୍ଷିକ ଗ୍ରାମାଂଚଳ ରେ ଟଙ୍କା ୫୦ ହଜାରରୁ କମ୍ ସହରାଂଚଳ ରେ ଟଙ୍କା ୬୦ ହଜାରରୁ କମ୍ ଆୟକାରୀ ପରିବାର ସମସ୍ତ ସରକାରୀ ଓ ୨୦୮ ସ୍ୱୀକୃତିପ୍ରାପ୍ତ ବେସରକାରୀ ଚିକିତ୍ସାଳୟରେ ବିନା ଦେୟରେ ସ୍ୱାସ୍ଥ୍ୟ ସେବା ପାଇପାରିବେ ।

୪. ମାଗଣା ଚିକିତ୍ସା ସେବା କେଉଁଠାରେ ଉପଲବ୍ଧ ?

(କ) ସାର୍ବଜନୀନ ମାଗଣା ସ୍ୱାସ୍ଥ୍ୟ ସେବା ଉପକେନ୍ଦ୍ର ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତ ସରକାରୀ ଚିକିତ୍ସାଳୟରେ ଉପଲବ୍ଧ ।